# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th November – 2025

************************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ଆଡ଼କୁ ଅଗ୍ରସର ହେଉଛି ଏନ୍.ଡି.ଏ. ।

— ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବି.ଜେ.ପି. ପ୍ରାର୍ଥୀ ଜୟ ଢୋଲକିଆ ବିଜୟୀ ।

- ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ଆଗାମୀ ୪ ବର୍ଷରେ ରାଜ୍ୟରେ ୨ ହଜାର ୨ ଶହ ବିଦ୍ୟାଳୟ ସ୍ଥାପନ କରିବେ ସରକାର ।

- ଖୋର୍ଦ୍ଧା ଜିଲ୍ଲା ଜଟଣୀଠାରେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନିର୍ମାଣ ଅଗ୍ରଗତିର ସମୀକ୍ଷା ।

ଏବଂ

- ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମଧୁମେହ ଦିବସ ।

***Desk***

# ବିହାର ବିଧାନସଭା

ବିହାର ବିଧାନସଭା ନିର୍ବାଚନରେ ୨୪୩ଟି ଆସନ ମଧ୍ୟରୁ ଏନ୍.ଡି.ଏ. ୮୧ଟି ଆସନରେ ବିଜୟ ହାସଲ କରିଥିବାବେଳେ ୧୨ଟି ଆସନରେ ଆଗୁଆ ରହିଛି । ଖବର ପ୍ରସ୍ତୁତ ହେବାବେଳକୁ ବି.ଜେ.ପି. ୫୦ଟି ବିଜୟୀ ହୋଇଥିବାବେଳେ ୪୧ଟିରେ ଆଗୁଆ ରହିଛି । ଜେ.ଡି.ୟୁ. ୩୧ଟି ଆସନ ଜିତିଥିବାବେଳେ ୫୨ଟି ଆସନରେ ଆଗୁଆ ରହିଛି । ଆର୍.ଜେ.ଡି. ୭ଟି ଆସନରେ ବିଜୟୀ ହୋଇଥିବାବେଳେ ୧୮ଟି ଆସନରେ ଆଗୁଆ ରହିଛି । ହାମ୍ ୫ଟିରେ ଆଗୁଆ ରହିଛି । ଆର୍.ଏଲ୍.ଏମ୍. ୪ଟି ଆସନରେ ଆଗୁଆ ରହିଛି ।

ବିହାର ବିଧାନସଭା ପାଇଁ ୨ଟି ପର୍ଯ୍ୟାୟରେ ଗତ ୬ ଓ ୧୧ ତାରିଖରେ ଭୋଟ୍‌ଗ୍ରହଣ ହୋଇଥିଲା ।

***Nuapada/R***

# ନୂଆପଡ଼ା - ଭୋଟ୍ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବି.ଜେ.ପି. ପ୍ରାର୍ଥୀ ଜୟ ଢୋଲକିଆ ୧ ଲକ୍ଷ ୨୩ ହଜାର ୭୫୮ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ଶ୍ରୀ ଢୋଲକିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ

ଘାସିରାମ ମାଝିଙ୍କଠାରୁ ୮୩ ହଜାର ୭୪୮ ଖଣ୍ଡ ଅଧିକ ଭୋଟ୍ ପାଇଛନ୍ତି । କଂଗ୍ରେସର ଘାସିରାମ ମାଝୀଙ୍କୁ ମୋଟ୍ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ମିଳିଥିବାବେଳେ ବି.ଜେ.ଡି. ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ୩୮ ହଜାର ୪୦୮ ଖଣ୍ଡ ଭୋଟ୍ ମିଳିଛି । ଉପନିର୍ବାଚନରେ ବିଜୟ ହାସଲ କରିବା ପରେ ବି.ଜେ.ପି. ପକ୍ଷରୁ ଏକ ଶୋଭାଯାତ୍ରା ନୂଆପଡ଼ା ନଗର ପରିକ୍ରମା କରିଛି । ଏସମ୍ପର୍କରେ ଆମ ନୂଆପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ :

***Voice*** **:........**

ଉପନିର୍ବାଚନରେ ବିଜୟ ହାସଲ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବି.ଜେ.ପି. ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉପନିର୍ବାଚନ ପାଇଁ ଗତ ୧୧ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା ।

***BBSR/R***

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ

ଶିକ୍ଷାକୁ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ କରିବାପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାପାଇଁ ଏହି ଯୋଜନାର ଲୋଗୋ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୪ ବର୍ଷରେ ଗୋଦାବରୀଶ ଆଦର୍ଶ

ବିଦ୍ୟାଳୟ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨ ଶହ ବିଦ୍ୟାଳୟ ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ପଞ୍ଚାୟତର ମଧ୍ୟସ୍ଥଳରେ ଅନ୍ୟୂନ ୫ ଏକର ଜମି ଉପଲବ୍ଧ ଥିବା ସର୍ବବୃହତ୍ ଗ୍ରାମକୁ ଏଥିରେ ପ୍ରାଥମିକତା ଦିଆଯିବ । ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣଦ୍ୱାରା ଶିକ୍ଷାର ଭିତ୍ତିଭୂମି ଓ ଶିକ୍ଷଣ ପରିବେଶରେ ଉନ୍ନତି ଆସିବ । ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଏବଂ କ୍ରୀଡ଼ା ଉପକରଣ ଭଳି ସୁବିଧା ଏହି ବିଦ୍ୟାଳୟରେ ଉପଲବ୍ଧ ହେବ । ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାରେ ନିପୁଣ କରାଇବା ସହ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସେମାନଙ୍କର ସାମଗ୍ରିକ ବିକାଶ କରାଇବା ଏହି ଆଦର୍ଶ ବିଦ୍ୟାଳୟଗୁଡ଼ିକର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

***BBSR/R***

# ଫରେନ୍‌ସିକ୍ ବିଜ୍ଞାନ

ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ-ଏନ୍.ଏଫ୍.ଏସ୍.ୟୁ.ର ଏକ ଶାଖା ଖୋର୍ଦ୍ଧା ଜିଲ୍ଲାର ଜଟଣୀଠାରେ ପ୍ରତିଷ୍ଠା ହେବ । ଏନେଇ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ନିର୍ମାଣ କାର୍ଯ୍ୟ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ

ଗୁରୁତ୍ୱ ଦିଆଯାଇଥିଲା । ଭୁବନେଶ୍ୱରଠାରେ ଏନ୍.ଏଫ୍.ଏସ୍.ୟୁ.ର ସ୍ଥାୟୀ କ୍ୟାମ୍ପସ୍‌ର ପ୍ରଗତି ଏବଂ ବର୍ତ୍ତମାନ କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏନ୍.ଏଫ୍.ଏସ୍.ୟୁ.ର ସହାୟତାରେ ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରରେ ବିଚାରାଧୀନ ମାମଲା ସଂଖ୍ୟା ହ୍ରାସ କରିବା ସହ ଅଧିକାରୀ, ପୁଲିସ୍ ଏବଂ ଅନ୍ୟ ଅଧିକାରୀଙ୍କପାଇଁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଟଣୀର ଗୌଡ଼କାଶୀପୁର ଓ ଅଳକାଠାରେ ନିର୍ମାଣ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ଗୁଜରାଟ-ଅହମ୍ମଦାବାଦଠାରେ ଥିବା ଏନ୍.ଏଫ୍.ଏସ୍.ୟୁ.ର ଏକ ଶାଖା ଭାବେ କାର୍ଯ୍ୟ କରିବ ।

***Baragarh/R***

# ଏକତା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଜି ବରଗଡ଼ ମିନି ଷ୍ଟାଡିୟମ୍‌ଠାରୁ ଏକତା ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ପଦଯାତ୍ରାର ଶୁଭାରମ୍ଭ କରିଥିବାବେଳେ ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସଦ ଶ୍ରୀ ପୁରୋହିତ’ ଆତ୍ମନିର୍ଭର ଏବଂ ନିଶାମୁକ୍ତ ଭାରତ ଗଠନ ନିମନ୍ତେ

ସମସ୍ତଙ୍କୁ ଶପଥପାଠ କରାଇବା ସହ ବିଶିଷ୍ଟ ବ୍ୟକ୍ତିବିଶେଷ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।

***Nayagarh/R***

## ସାଇବର ସୁରକ୍ଷା ସଚେତନତା

ନୟାଗଡ଼ ଜିଲ୍ଲା ବାଲୁଗାଁ ପଞ୍ଚାୟତରେ ସଦର ଥାନା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ପୁଲିସ୍ ଆରକ୍ଷୀ ଅଧୀକ୍ଷକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ବିଷୟରେ ଆଲୋଚନା କରିବା ସହ ସଚେତନ ରହିବାପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବାଲୁଗାଁ ଗ୍ରାମ ପରିକ୍ରମା କରିଥିଲା ।

***Deogarh/R***

## ଜନଜାତୀୟ ଗୌରବ ବର୍ଷ

ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଦେବଗଡ଼ ଜିଲ୍ଲା ବଣିଆକିଲିଣ୍ଡା ପଞ୍ଚାୟତର କଳାମାଟି ଗ୍ରାମରେ ଜନସଚେତନତା କାର୍ଯ୍ୟକ୍ରମ ଏବଂ ଅଭିଯୋଗ ଶୁଣାଣି

ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଦି ସେବାକେନ୍ଦ୍ରରେ ଆଧାରକାର୍ଡ଼ ଶିବିର, ସ୍ୱସ୍ଥ୍ୟ ଶିବିର ଓ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ଜନଜାତି ବର୍ଗର ୫୦ରୁ ୬୦ ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ନଭେମ୍ବର ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ଜନଜାତୀୟ ଗୌରବ ବର୍ଷ ପକ୍ଷ ଅନୁଷ୍ଠିତ ହେଉଛି ।

***Jajpur/R***

## ଭିତ୍ତିପ୍ରସ୍ତର

ଶିଶୁ ଦିବସ ଅବସରରେ ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ପୌରାଞ୍ଚଳରେ ଦୁଇଟି ପର୍ଯ୍ୟାୟରେ ୧୧ଟି ପ୍ରାଥମିକ ବିଦ୍ୟାଳୟରେ ୨୫ଟି ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏଥିପାଇଁ ୪ କୋଟି ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

***Dhenkanal/R***

## ବନଖଣ୍ଡ - ସମୀକ୍ଷା ବୈଠକ

ଢେଙ୍କାନାଳ ଜିଲ୍ଲା ମହିଷପାଟସ୍ଥିତ ବହୁମୁଖୀ ପ୍ରକୋଷ୍ଠଠାରେ ଢେଙ୍କାନାଳ ବନଖଣ୍ଡ ବିଭାଗର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ବିଭିନ୍ନ ବିଭାଗର ସମନ୍ୱୟ ଯୋଗୁଁ ବନାୟକ ଯୋଜନା ସଫଳ ହୋଇଥିବା କହିଥିଲେ ।

*Kendrapara/R*

## ଶିଶୁ ଥେରାପିକ୍ କେନ୍ଦ୍ର

କେନ୍ଦ୍ରାପଡ଼ା ଜିଲ୍ଲା ମାଧପୁରସ୍ଥିତ ଅମର ଉଦ୍ୟାନ ମଣ୍ଡପରେ ପୁନର୍ବାସର ସ୍ୱତନ୍ତ୍ର ଶିଶୁ ଥେରାପିକ୍ କେନ୍ଦ୍ରକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ରରେ ସ୍ପିଚ୍ ଥେରାପି ଓ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ମସ୍ତିଷ୍କ ପକ୍ଷାଘାତ, ଚଳନଶକ୍ତି ବାଧିତ, ଅଟିଜିମ୍ ଓ ବିଭିନ୍ନ ବିକାଶବାଧିତ ଶିଶୁଙ୍କୁ ଥେରାପିକ୍ ସେବା ପ୍ରଦାନ କରାଯିବ ।

*Nayagarh/R*

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ରଣପୁର ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ୍ ୭୭୧ ଜଣ ଭିନ୍ନକ୍ଷମଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

*Desk, Nayagarh/R*

# ବିଶ୍ୱ ମଧୁମେହ ଦିବସ

ମଧୁମେହ ରୋଗ ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ମଧୁମେହ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହ** । ରକ୍ତରେ ସର୍କରାର ପରିମାଣ ବୃଦ୍ଧି ପାଇଲେ ଏହି ରୋଗ ହୋଇଥାଏ ।

ବିଶ୍ୱରେ ସର୍ବାଧିକ ସଂଖ୍ୟକ ମଧୁମେହ ରୋଗୀ ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ।  ପୃଥିବୀର ମୋଟ୍ ମଧୁମେହ ରୋଗୀଙ୍କ ମଧ୍ୟରୁ ୧୭ ପ୍ରତିଶତରୁ ଊର୍ଦ୍ଧ୍ୱ ମଧୁମେହ ରୋଗୀ ଭାରତରେ ଅଛନ୍ତି।_ମଧୁମେହ ରୋଗ ସଂପର୍କରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା ଆକାଶବାଣୀକୁ କହିଛନ୍ତି :

***Voice*** :..........

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ଅଧ୍ୟକ୍ଷତା କରି ବିଶ୍ୱ ମଧୁମେହ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏକ ସଚେତନତା ଶୋଭାଯାତ୍ରା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା ।

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ହସ୍ପିଟାଲ୍‌ରେ ଏହି ଦିବସ ପାଳିତ ହୋଇଯାଇଛି । ମଧୁମେହ ପରିଚାଳନାରେ ପ୍ରାରମ୍ଭିକ ଚିହ୍ନଟ, ଜୀବନଶୈଳୀ

ପରିବର୍ତ୍ତନ ଏବଂ ସାମଗ୍ରିକ ସୁସ୍ଥତା ଉପରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ମତବ୍ୟକ୍ତ କରିଥିଲେ ।

*Nayagarh, Ganjam, Jharsuguda/R*

## ଶିଶୁ ଦିବସ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ ଆଜି ଶିଶୁଦିବସ ପାଳନ କରାଯାଉଛି ।

ନୟାଗଡ଼ ଜିଲ୍ଲା ରଣପୁର ସଦର ମହକୁମାଠାରେ ଥିବା ପି.ଏମ୍.ଶ୍ରୀ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ପି.ଏମ୍.ଶ୍ରୀ ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଉପଲକ୍ଷେ ଏକ ମଡେଲ୍ ଶିଶୁବାଟିକା କକ୍ଷ ଉଦ୍‌ଘାଟିତ ହୋଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ହିଞ୍ଜିଳିକାଟୁସ୍ଥିତ ଶାସନ ଆମ୍ବଗାଁର ଓଡ଼ିଶ ଆଦର୍ଶ ବିଦ୍ୟାଳୟ ପରିସରରେ ଶିଶୁଦିବସ ପାଳନ ସହ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ।

ଝାରସୁଗୁଡ଼ା ଜିଲ୍ଲା ପଞ୍ଚପଡ଼ାଠାରେ ଶିଶୁଦିବସ ଅବସରରେ ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧିକାରୀମାନେ ଉପସ୍ଥିତ ଆଚାର୍ଯ୍ୟ ଓ ଅଭିଭାବକମାନଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।

******